# NATIONAL NEWS BULLETIN (ODIA)

## 30th March - 2025

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଜଳ ସଂରକ୍ଷଣ କ୍ଷେତ୍ରରେ ଜନଭାଗିଦାରିତା ବୃଦ୍ଧି ନେଇ ପ୍ରୟାସ ଜାରି ରହିଥିବା କହିଲେ ପ୍ରଧାନମନ୍ତ୍ରୀ ।

- ଛତିଶଗଡ଼ରେ ପ୍ରଧାନମନ୍ତ୍ରୀ’ ୩୩ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ବିଶ୍ୱ ପରିବେଶ ସୁରକ୍ଷା ପାଇଁ ସୀମାପାର ସହଯୋଗର ଆବଶ୍ୟକତା ରହିଛି, କହିଲେ ଉପରାଷ୍ଟ୍ରପତି ।

- ଭୂକମ୍ପ ପ୍ରଭାବିତ ମ୍ୟାଁମାର୍‌ରେ ମୃତ୍ୟୁସଂଖ୍ୟା ୧୭ଶହକୁ ବୃଦ୍ଧି, ଉଦ୍ଧାର କାର୍ଯ୍ୟ ଜାରି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ଆଜିକାର ପ୍ରଥମ ମ୍ୟାଚ୍‌ରେ ସନ୍‌ରାଜର୍ସ ହାଇଦ୍ରାବାଦକୁ ୭ ୱିକେଟ୍‌ରେ ପରାସ୍ତ କରି ଦିଲ୍ଲୀ କ୍ୟାପିଟାଲ୍‌ସ୍ ବିଜୟୀ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳ ସଂରକ୍ଷଣ କ୍ଷେତ୍ରରେ ଜନଭାଗିଦାରିତା ବୃଦ୍ଧି ନେଇ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି । ଗତ ୮ ବର୍ଷ ମଧ୍ୟରେ ଜଳ ସଂରକ୍ଷଣ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଯୋଗୁଁ ୧୧ ବିଲିୟନ ଘନମିଟରରୁ ଅଧିକ ଜଳ ସଂରକ୍ଷିତ କରାଯାଇ ପାରିଛି ବୋଲି ପ୍ରଧାନମନ୍ତ୍ରୀ ଆଜି ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି । ଚଳତବର୍ଷ 'କ୍ୟାଚ୍ ଦି ରେନ୍' ଅଭିଯାନ ପାଇଁ ପ୍ରସ୍ତୁତି ଚାଲିଛି । ଦେଶରେ ହଜାର ହଜାର କୃତ୍ରିମ ପୋଖରୀ, ଚେକ୍‌ଡ୍ୟାମ, ନଳକୂପ ଆଦି ନିର୍ମାଣ କରାଯାଇଛି ବୋଲି ସେ କହିଛନ୍ତି ।

ଗ୍ରୀଷ୍ମ ଛୁଟିରେ ଗଠନମୂଳକ କାର୍ଯ୍ୟରେ ନିୟୋଜିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଦକ୍ଷତାବୃଦ୍ଧି କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇଥାଏ । ବର୍ତ୍ତମାନ ସମୟରେ ପିଲାଙ୍କର ଶିଖିବା ପାଇଁ ବିଭିନ୍ନ କ୍ଷେତ୍ର ଉନ୍ମୁକ୍ତ ରହିଛି ବୋଲି ସେ କହିଛନ୍ତି । ଗ୍ରୀଷ୍ମ ଛୁଟି ପାଇଁ ମାଇଁ ଭାରତ ସ୍ୱତନ୍ତ୍ର କ୍ୟାଲେଣ୍ଡର ସମ୍ପର୍କରେ ଶ୍ରୀ ମୋଦୀ ଏହି ଅବସରରେ ଉଲ୍ଲେଖ

କରିଛନ୍ତି । ଏହି କ୍ୟାଲେଣ୍ଡର ମାଧ୍ୟମରେ ଗ୍ରହଣ କରାଯାଇଥିବା ପ୍ରୟାସଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

ସୁସ୍ଥ ଜୀବନଶୈଳୀ ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆନ୍ତର୍ଜାତିକ ଯୋଗ ଦିବସର ଅବଗଣନା ୧୦୦ ଦିନରୁ କମ୍ ରହିଛି । ଯୋଗକୁ ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

ଦିଲ୍ଲୀରେ ଆୟୋଜିତ ହୋଇଥିବା ଫିଟ୍ ଇଣ୍ଡିଆ ସମ୍ମିଳନୀ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିଭିନ୍ନ କ୍ଷେତ୍ରରୁ ପ୍ରାୟ ୨୫ ହଜାର ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ । ନିଜ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଆଜିଠୁ ଆରମ୍ଭ ହୋଇଥିବା ଚୈତ୍ର ନବରାତ୍ରି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିଭଳି ଦେଶର ବିଭିନ୍ନ ପ୍ରାନ୍ତରେ ପାଳନ କରାଯାଉଥିବା ଭିନ୍ନ ଭିନ୍ନ ଲୋକପର୍ବ ପାଳନ ନେଇ ପ୍ରଧାନମନ୍ତ୍ରୀ ସଂପୃକ୍ତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପର୍ବଗୁଡ଼ିକ ଭାରତର ବିବିଧତା ମଧ୍ୟରେ ଏକତାକୁ ପ୍ରତିପାଦନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପି.ଏମ୍. - ଛତିଶଗଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଛତିଶଗଡ଼ର ବିଳାସପୁର ଜିଲ୍ଲା ଅନ୍ତର୍ଗତ ମୋହଭଟ୍ଟାଠାରେ ୩୩ ହଜାର ୭ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ନକ୍ସଲ୍ ପ୍ରଭାବିତ ଛତିଶଗଡ଼ ଅଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାର ନୂତନ ଯୁଗ ଦେଖିବାକୁ ମିଳିଛି । ସେ କହିଛନ୍ତି, ରାଜ୍ୟର ଉପାନ୍ତ ଆଦିବାସୀ ଅଞ୍ଚଳରେ ରାସ୍ତାଘାଟ, ବିଦ୍ୟୁତ୍ ଯୋଗାଣ, ମୋବାଇଲ୍ ନେଟ୍‌ୱାର୍କ ବ୍ୟବସ୍ଥା କରାଯିବା ସହ ସେଠାକାର ଅଧିବାସୀମାନଙ୍କୁ ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ପ୍ରଦାନ କରାଯାଇଛି । ନିକଟରେ ନକ୍ସଲ୍ ପ୍ରଭାବିତ ଅଞ୍ଚଳରେ ବନ୍ଦ କରାଯାଇଥିବା ବିଦ୍ୟାଳୟଗୁଡ଼ିକୁ ପୁଣି ଖୋଲାଯାଇଛି । ଶ୍ରୀ ମୋଦି କହିଛନ୍ତି, ଛତିଶଗଡ଼ର ଭାଗ୍ୟରେ ପରିବର୍ତ୍ତନ ଘଟିଛି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ନିମନ୍ତେ ‘ଧରତୀ ଅବା ଜନଜାତି ଉତ୍କର୍ଷ ଅଭିଯାନ’ ଆରମ୍ଭ କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

ସେହିପରି ଅନୁନ୍ନତ ଆଦିବାସୀ ସମ୍ପ୍ରଦାୟଙ୍କ ନିମନ୍ତେ ପି.ଏମ୍. ଜନମନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଛତିଶଗଡ଼ର ପ୍ରତ୍ୟେକ ପରିବାରର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ

ସରକାର ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ଶ୍ରୀ ମୋଦି କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧୀନରେ ୩ ଲକ୍ଷ ହିତାଧିକାରୀଙ୍କ ଗୃହପ୍ରବେଶ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ହିତାଧିକାରୀମାନଙ୍କୁ ବାସଗୃହ ହସ୍ତାନ୍ତର କରିଥିଲେ ।

***Voice :........***

ପ୍ରଧାନମନ୍ତ୍ରୀ ଅଭନପୁର-ରାୟପୁର ରେଳଷ୍ଟେସନ୍ ଅଧୀନରେ ମେମୁ ଟ୍ରେନ୍‌ସେବାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଧନଖଡ୍ - କନ୍‌ଫରେନ୍ସ

ନୂଆଦିଲ୍ଲୀରେ ଚାଲିଥିବା ପରିବେଶ ସମ୍ପର୍କିତ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ଆଜି ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ଯୋଗ ଦେଇଛନ୍ତି । ଏହି ଅବସରରେ ଶ୍ରୀ ଧନଖଡ଼ କହିଛନ୍ତି, ବିଶ୍ୱ ପରିବେଶ ସୁରକ୍ଷା ପାଇଁ ସୀମାପାର ସହଯୋଗର ଆବଶ୍ୟକତା ରହିଛି । ଏକ୍ଷେତ୍ରରେ ନବସୃଜନାତ୍ମକ ରଣନୀତି’ ଦୀର୍ଘସ୍ଥାୟୀ ପରିବେଶ ସନ୍ତୁଳନ ଏବଂ ଅର୍ଥନୈତିକ

ବିକାଶକୁ ଆଗେଇ ନେବ । ସେ ନାଗରିକମାନଙ୍କୁ ପରିବେଶ ସଂରକ୍ଷଣ ପ୍ରତି ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଛନ୍ତି । ବ୍ୟକ୍ତିବିଶେଷ, ଗୋଷ୍ଠୀ କିମ୍ବା କୌଣସି ଏକକ ରାଷ୍ଟ୍ର ପରିବେଶ ସମ୍ପର୍କିତ ସମସ୍ୟାର ଏକାକୀ ସମାଧାନ କରିପାରିବ ନାହିଁ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

## ମ୍ୟାଁମାର ଥାଇଲାଣ୍ଡ କ୍ୱାକ୍ ଅପ୍‌ଡେଟ୍

ଭୂକମ୍ପ ପ୍ରଭାବିତ ମ୍ୟାଁମାରରେ ମୃତ୍ୟୁସଂଖ୍ୟା ୧୭ଶହରୁ ଊର୍ଦ୍ଧ୍ୱ ହୋଇଥିବା ସେଠାକାର ସାମରିକ ମୁଖ୍ୟ ସୂଚନା ଦେଇଛନ୍ତି । ଧ୍ୱଂସବିଧ୍ୱସ୍ତ ଅଟ୍ଟାଳିକା ତଳେ ବହୁସଂଖ୍ୟାରେ ମୃତଦେହ ଥିବାର ସନ୍ଦେହ କରାଯାଉଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ସୂଚନା ଦିଆଯାଇଛି । ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସହାୟତା ଅଭାବରୁ ଏପର୍ଯ୍ୟନ୍ତ କେତେକ ସ୍ଥାନରେ ଉଦ୍ଧାର କାର୍ଯ୍ୟ ବ୍ୟାହତ ହୋଇଛି । ପର୍ଯ୍ୟପ୍ତ ଅତ୍ୟାଧୁନିକ ଯନ୍ତ୍ରାଂଶ ବିନା ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି । ଇତିମଧ୍ୟରେ ମ୍ୟାଁମାରର କେତେକ ଅଞ୍ଚଳରେ ଆଉ ଏକ ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି । ମ୍ୟାଁମାରର ମାଣ୍ଡାଲେ ନିକଟବର୍ତ୍ତୀ ଅଞ୍ଚଳରେ ଭୂକମ୍ପର ତୀବ୍ରତା ୫ ଦଶମିକ ୧ ରେକର୍ଡ଼ କରାଯାଇଛି । ଏହି ଘଟଣାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସଠିକ୍ ସୂଚନା ହସ୍ତଗତ ହୋଇ ନାହିଁ ।

ସେହିପରି ଥାଇଲାଣ୍ଡରେ ଉଦ୍ଧାରକାରୀ ଦଳ ଭାଙ୍ଗାରୁଜା ଅଂଶତଳୁ ମୃତଦେହ ଠାବ କରୁଛନ୍ତି । ଏପର୍ଯ୍ୟନ୍ତ ସେଠାରେ ମୃତ୍ୟୁସଂଖ୍ୟା ୧୭ରେ ପହଞ୍ଚିଥିବାବେଳେ ୮୩ ଜଣ ନିଖୋଜ ଥିବା ଜଣାଯାଇଛି ।

ଜାତିସଂଘ ପକ୍ଷରୁ କୁହାଯାଇଛି, ମ୍ୟାଁମାର ଓ ଥାଇଲାଣ୍ଡରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

# ଅମିତ୍ ଶାହା - ବିହାର

ବିହାର ଗସ୍ତର ଶେଷ ପର୍ଯ୍ୟାୟରେ ବରିଷ୍ଠ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ଆଜି ପାଟନାଠାରେ ଏନ୍.ଡି.ଏ.ର ସମସ୍ତ ୫ଟି ସହଯୋଗୀ ଦଳର ନେତାମାନଙ୍କ ସହ ଆଲୋଚନା କରିଛନ୍ତି । ଗୋପାଳଗଞ୍ଜଠାରେ ସାଧାରଣ ଅଧିବେଶନରେ ଅଭିଭାଷଣ ପ୍ରଦାନ ପରେ ଶ୍ରୀ ଶାହା’ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସରକାରୀ ବାସଭବରେ ଆୟୋଜିତ ବୈଠକରେ ବିହାର ବିଧାନସଭା ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଏବଂ ରଣନୀତି କୌଶଳ ସମ୍ପର୍କରେ ଦଳୀୟ ନେତାମାନଙ୍କ ସହ ଆଲୋଚନା କରିଥିଲେ । ଚଳିତ ବର୍ଷ ଶେଷଆଡ଼କୁ ବିହାର ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ରହିଛି । ବୈଠକରେ ଜେ.ଡି.ୟୁ. ଜାତୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଏନ୍.ଡି.ଏ.ର ସହଯୋଗୀ ଦଳ

ଏଲ୍.ଜେ.ପି.(ଆର୍.), ହିନ୍ଦୁସ୍ତାନୀ ଆଓ୍ୱାମ୍ ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ଲୋକମଞ୍ଚ ଦଳର ନେତାମାନେ ଉପସ୍ଥିତ ଥିଲେ । ଆଗାମୀ ବିଧାନସଭା ନିର୍ବାଚନରେ ୨୨୫ଟି ଆସନରେ ଏନ୍.ଡି.ଏ.ର ସହଯୋଗୀ ଦଳ ବିଜୟ ହାସଲ ଲକ୍ଷ୍ୟ ନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥିନିମନ୍ତେ ସମସ୍ତ ୨୪୩ଟି ବିଧାନସଭା କ୍ଷେତ୍ରରେ ମିଳିତ କର୍ମୀ ସମ୍ମିଳନୀ ଆୟୋଜନ କରିବାପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା । ଗତକାଲି ପାଟନାସ୍ଥିତ ବି.ଜେ.ପି.ର ମୁଖ୍ୟ କାର୍ଯ୍ୟାଳୟଠାରେ ଶ୍ରୀ ଶାହା ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିଥିଲେ । ବିହାର ବିଧାନସଭା ନିର୍ବାଚନ-୨୦୨୫ରେ ବିପୁଳ ବିଜୟ ହାସଲ ନିମନ୍ତେ ଦଳର ସମସ୍ତ ଅଂଶୀଦାରଙ୍କ ସହ ସହଯୋଗ ରକ୍ଷାକରି କାର୍ଯ୍ୟ କରିବାକୁ ଦଳୀୟ ନେତାମାନଙ୍କୁ ଶ୍ରୀ ଶାହା ପରାମର୍ଶ ଦେଇଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀରେ ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆସନ୍ତାକାଲି ରାତି ସାଢ଼େ ୯ଟାରେ **ପୋଷଣ ଅଭିଯାନ ଜରିଆରେ ପୁଷ୍ଟିହୀନତାର ମୁକାବିଲା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏମ୍ସ୍ ନୂଆଦିଲ୍ଲୀର ଶିଶୁ ଅସ୍ତ୍ରୋପଚାର ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଅଜୟ ବର୍ମା ଏବଂ ଖାଦ୍ୟ ବିଶେଷଜ୍ଞ ଡାକ୍ତର ରିଚା ଜୟସ୍ୱାଲ ଆଲୋଚନାରେ

ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air officialରେ ଏହା ଉପଲବ୍ଧ ହେବ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ବିଶାଖାପାଟନାଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ୍ ସନ୍‌ରାଜର୍ସ ହାଇଦ୍ରାବାଦକୁ ୭ ୱିକେଟ୍‌ରେ ପରାସ୍ତ କରି ବିଜୟୀ ହୋଇଛି । ସନ୍‌ରାଇଜର୍ସ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ୧୮ ଓଭର୍ ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୬୩ ରନ୍ କରିବାକୁ ସମର୍ଥ ହୋଇଥିଲା । ଏହାର ଜବାବ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ୧୬ ଓଭର୍‌ରେ ୩ଟି ୱିକେଟ୍ ହରାଇ ୧୬୬ ରନ୍ ସଂଗ୍ରହ କରିଥିଲା । ଦିଲ୍ଲୀ

କ୍ୟାପିଟାଲ୍‌ର ମିଚେଲ୍ ଷ୍ଟାର୍କ ସର୍ବାଧିକ ୫ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ହାଇଦ୍ରାବାଦ ଦଳ ପକ୍ଷରୁ  ଜିଶାନ୍ ଆନ୍‌ସାରୀ ସମସ୍ତ ୩ଟି ଯାକ ୱିକେଟ୍ ନେଇଥିଲେ ।
ସନ୍‌ରାଇଜର୍ସ ପକ୍ଷରୁ ଅନିକେତ ବର୍ମା ସର୍ବାଧିକ ୭୪ ରନ୍ ସଂଗ୍ରହ କରିଥିଲେ ।

ଆଉ କିଛି ସମୟ ପରେ ଗୁଆହାଟୀଠାରେ ଦ୍ୱିତୀୟ ମ୍ୟାଚ୍ ରାଜସ୍ଥାନ ରୟାଲ୍‌ସ୍ ଓ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ଖେଳାଯିବ । ଚେନ୍ନାଇ ସୁପର କିଙ୍ଗ୍‌ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

*****